## ମୁଖବନ୍ଧ

ଭାରତର ସମ୍ବିଧାନର ଧାରା 151 ଅନୁଯାୟୀ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରିବା ନିମନ୍ତେ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରଦାନ କରାଯିବା ପାଇଁ ଏହି ପ୍ରତିବେଦନ ପ୍ରସ୍ତୁତ କରାଯାଇଅଛି ।

ଏହି ପ୍ରତିବେଦନରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ପର୍କିତ 'ରାଜ୍ୟରେ ଜନ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ସ୍ୱାସ୍ୟ ସେବା ପରିଚାଳନା' ର ସମ୍ପାଦନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳଗୁଡ଼ିକ ସ୍ଥାନିତ କରାଯାଇଛି ।

2016-17 ଠାରୁ 2021-22 ଅବଧି ପାଇଁ କରାଯାଇଥିବା ନମୁନା ସମୀକ୍ଷା ସମୟରେ ଦୃଷ୍ଟିଗୋଚର ହୋଇଥିବା ତଥା ବିଗତ ବର୍ଷ ଗୁଡ଼ିକରେ ଦୃଷ୍ଟିକୁ ଆସିଥିବା ସତ୍ତ୍ୱେ ପ୍ରତିବେଦନରେ ସାମିଲ କରାଯାଇନଥିବା ମାମଲାଗୁଡ଼ିକୁ ଏହି ପ୍ରତିବେଦନରେ ସ୍ଥାନିତ କରାଯାଇଛି । ଆବଶ୍ୟକ ସ୍ଥଳେ 2021-22 ପରବର୍ତ୍ତୀ ଅବଧି ସହ ଜଡ଼ିତ ମାମଲାଗୁଡ଼ିକୁ ମଧ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି ହୋଇଥିବା ସମୀକ୍ଷା ମାନଦଣ୍ଡର ଅନୁପାଳନ ପୂର୍ବକ ସମୀକ୍ଷା କାର୍ଯ୍ୟ ସମ୍ପାଦନ କରାଯାଇଛି ।

ଅନୁଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ, ତେବେ ଇଂରାଜୀ ପାଠାନ୍ତରକୁ ପ୍ରାମାଣିକ ଭାବେ ଗ୍ରହଣ କରିବା ବିଧେୟ ।